# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୨୦ ମସିହା ଜୁନ୍ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ପଙ୍ଗପାଳ ପାଇଁ ସତର୍କତା :**

ଚାଷୀମାନେ ପଙ୍ଗପାଳ ଆକ୍ରମଣରୁ ରକ୍ଷାପାଇବା ପାଇଁ ସତର୍କ ରହିବା ଆବଶ୍ୟକ । ସତର୍କିକରଣ ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇପାରିବ । ହେକ୍ଟର ପିଛା ୫୦୦ ଲିଟର ପାଣିରେ ମାଲାଥିଅନ୍ ୫୦% ଇ.ସି. ୧୮୫୦ ମି.ଲି. କିମ୍ବା ମାଲାଥିଅନ୍ ୨୫% ଡବ୍ଲ୍ୟୁ.ପି ୩୭୦୦ ଗ୍ରାମ୍ କିମ୍ବା କ୍ଲୋରୋପାଇରିଫସ୍ ୨୦ % ଇ.ସି. ୧୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୫୦% ଇ.ସି. ୫୦୦ ମି.ଲି. ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକ ଏକର ପାଇଁ ୨୦୦ ଲିଟର ପାଣିରେ ୧ ଲିଟର ନିମ୍ବତେଲ ମିଶାଇ ସିଞ୍ଚନ କରିପାରିବେ । କିମ୍ବା ପଙ୍ଗପାଳ ଆସୁଥିବା ରାସ୍ତାରେ ୨ ଫୁଟ୍ ଚଉଡା ଏବଂ ୨ ଫୁଟ ଗଭୀର ଗାତ କରି କୁଇନାଲଫସ୍ ୧.୫% ଡି.ପି. କିମ୍ବା କ୍ଲୋରୋପାଇରିଫସ୍ ୧.୫% ଡି.ପି. କିମ୍ବା ମିଥାଇଲ୍ ପାରାଥିଅନ୍ ୨% ଡି.ପି. ଗୁଣ୍ଡ ପକାନ୍ତୁ । କିମ୍ବା ଖାଲି ଡ୍ରମ, ଷ୍ଟିଲ କିମ୍ବା ଅନ୍ୟ ଧାତୁର ପ୍ଲେଟ୍ ବାଡେଇ ଜୋରରେ ଶବ୍ଦ କରନ୍ତୁ (୧୦୦-୧୨୫ ଡେସିବିଲ) କିମ୍ବା ରେଡିଓ କି କୌଣସି ସାଉଣ୍ଡସିଷ୍ଟମ୍ ରେ ଜୋରରେ ଶବ୍ଦ କଲେ ପୋକ ଶସ୍ୟ ଉପରେ ବସିବେ ନାହିଁ ।

**ଖରାଟିଆ ଧାନ :**

- ଧାନ ଅମଳ ପରେ ସାଇତି ରଖିବା ପାଇଁ ଶତକଡ଼ା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ଧାନକୁ ସାଇତି ରଖିବା ପୂର୍ବରୁ ୨ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇବା ଦରକାର । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ ।
- ଭଲଭାବେ ଶୁଖିଲା ଧାନକୁ ଜରି ଲାଗିଥିବା ବସ୍ତାରେ କିମ୍ବା ବିନ୍‌ରେ ସାଇତି ରଖନ୍ତୁ ।
- ସାଇତି ରଖିଥିବା ଶସ୍ୟରେ କୌଣସି ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ବଟିକା ୧ ଟନ୍ ଶସ୍ୟ ପିଛା ୩ଟି ବଟିକା (ସମୁଦାୟ ୯ ଗ୍ରାମ୍) ବାଷ୍ପୀୟ ବିଷ ୩ ରୁ ୧୦ ଦିନ ପର୍ଯ୍ୟନ୍ତ ଦିଅନ୍ତୁ । ଲୋକ ଚଳାଚଳ କରିବା ଘରେ ଧୁଆଁ ଦିଅନ୍ତୁ ନାହିଁ ।

**ଶୁଖିଲା ଖରିଫ ବୁଣାଧାନ :**

- ବର୍ଷାଶ୍ରୀତ ଖାଲ ଜମିରେ ସିଧାବୁଣା ପାଇଁ ଖରାଟିଆ ଚାଷ କରି ଦିଅନ୍ତୁ । କଲଟିଭେଟରରେ ୨-୩ ଥର ଭଲଭାବେ ହଳ କରି ମାଟିକୁ ଗୁଣ୍ଡ କରିଦିଅନ୍ତୁ । ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଚାଷ କରି ମାଟି ଭଲଭାବେ ଗୁଣ୍ଡ ହେବାପରେ ସିଡ୍ ଡ୍ରିଲ ବ୍ୟବହାର କରି କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ଧାନ ବୁଣି ଦିଅନ୍ତୁ ।

- ବର୍ଷାଶ୍ରୀତ ଅଳ୍ପ ଖାଲୁଆ ଜମି ଯେଉଁଠି ଧାନ ବୁଣିବା ଦରକାର ଜମି ପ୍ରସ୍ତୁତ କରନ୍ତୁ ।

- ଉଚ୍ଚା ଜମିରେ ସିଧା ବୁଣାଧାନ ପାଇଁ ସି.ଆର.ଧାନ ୧୦୦(ସତ୍ୟଭାମା), ସି.ଆର.ଧାନ ୧୦୧(ଅଙ୍କିତ୍), ସହଭାଗୀ ଧାନ, ଫାଲଗୁନି, ବନ୍ଦନା ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ପୂର୍ବରୁ ବୁଣାବୁଣି ସାରି ଦିଅନ୍ତୁ ।

- ଶେଷ ଓଡ଼ ଜମି ପ୍ରସ୍ତୁତି ସମୟରେ ପ୍ରତି ହେକ୍ଟର ପିଛା ୨ ଟନ୍ ହିସାବରେ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।

- ଅଳ୍ପଖାଲୁଆ ଜମି ଯେଉଁଠି ସିଧାଧାନ ବୁଣାଯାଏ ସେଠାରେ ପୂର୍ଣ୍ଣ ମାତ୍ରାର ଫସ୍‌ଫରସ୍ ଏକର ପିଛା ୧୨ କି.ଗ୍ରା. (ଅର୍ଥାତ୍ ଏକର ପିଛା ୭୫ କି.ଗ୍ରା. ଏସ୍.ଏସ୍.ପି. କିମ୍ବା ୨୭ କି.ଗ୍ରା. ଡି.ଏ.ପି.) ଏବଂ ଖାଲୁଆ ଏବଂ ଗଭୀର ଜମିରେ ଶେଷଥର ଜମି ପ୍ରସ୍ତୁତି ସମୟରେ ଏକର ପିଛା ୮ କି.ଗ୍ରା. ଫସଫରସ୍ (ଅର୍ଥାତ୍ ୫୦ କି.ଗ୍ରା ଏସ୍.ଏସ୍.ପି କିମ୍ବା ୧୮ କି.ଗ୍ରା. ଡି.ଏ.ପି) ବ୍ୟବହାର କରିବା ଉଚିତ୍ ।

- ମଧ୍ୟମ ଖାଲୁଆ ଜମିରେ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା ଏବଂ ଗାୟତ୍ରୀ କିସମ ବ୍ୟବହାର କରନ୍ତୁ । ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨(ଜୟନ୍ତୀ ଧାନ), ସି.ଆର.ଧାନ ୫୦୩ (ଜଳମଣି), ସି.ଆର.ଧାନ ୫୦୫ ଓ ସି.ଆର.ଧାନ ୫୦୭(ପ୍ରଶାନ୍ତ) ଆଦି ଖାଲୁଆ ଜମିରେ ବ୍ୟବହାର କରନ୍ତୁ । ଏକ ଏକର ଧାନ ପାଇଁ ୧୪-୧୬ କି.ଗ୍ରା. ଧାନ ବିହନ ବ୍ୟବହାର କରନ୍ତୁ ।

- ବନ୍ୟା ପ୍ଲାବିତ ଅଞ୍ଚଳରେ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ ୩୦୦, ସୁମିତ୍, ପ୍ରତିକ୍ଷା, ରାଣୀଧାନ, ସି.ଆର.ଧାନ ୮୦୧ ଏବଂ ସି.ଆର.ଧାନ ୮୦୨ ଭଲ ଧାନ କିସମ ୧୪-୧୬ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

- ଧାନ ବିହନ ସଫା କରିବା ଏବଂ ଘାସ ମଞ୍ଜିକୁ ଅଲଗା କରିବା ପାଇଁ ଧାନ ବିହନକୁ ୨ ଶତକଡା ଲୁଣଯୁକ୍ତ ଦ୍ରବଣରେ ବୁଡାଇ ରଖନ୍ତୁ ଏବଂ ପରେ ଭାଷମାନ ଘାସ ମଞ୍ଜି ଏବଂ ଅଗାଡି ଧାନକୁ ବାହାର କରି ଦିଅନ୍ତୁ ।

- ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡି ଜୀବାଣୁ ରେ ବିଶୋଧନ କରନ୍ତୁ ।

**ଖରିଫ ରୁଆଧାନ :**

- ପ୍ରାକ୍ ମୌସୁମୀ ବର୍ଷା ହେବା ସମୟରେ ଶୁଖିଲା ତଳିଘେରା ପସ୍ତୁତ କରିଦିଅନ୍ତୁ ।

- ମଝିଆଲି ଖାଲୁଆ ଜମିରେ ସି.ଆର.ଧାନ ୩୦୭ (ମଉଡ଼ମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, MTU ୧୦୧୦, MTU ୧୦୦୧, ନବୀନ୍, ସି.ଆର.ଧାନ ୩୧୦,

ଡି.ଆର.ଆର.୪୪, ଉନ୍ନତ ଲଲାଟ, ସି.ଆର.ଧାନ ୩୦୧(ହିରା), ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୂଜା, ସ୍ୱର୍ଣ୍ଣସବ୍-୧ ଏବଂ ବି.ପି.ଟି ୫୨୦୪ କିସମ ବ୍ୟବହାର କରନ୍ତୁ ।

- ଲୁଣି ଅଞ୍ଚଳ ପାଇଁ ଲୁଣିସହିଷ୍ଣୁ ଧାନ କିସମ ଯଥା ସି.ଆର.ଧାନ ୪୦୫(ଲୁଣା ସଙ୍ଖି), ସି.ଆର.ଧାନ ୪୦୩ (ଲୁଣା ସୁବର୍ଣ୍ଣ) ଏବଂ ଲୁଣିଶ୍ରୀ ଆଦି କିସମ ବ୍ୟବହାର କରନ୍ତୁ ।
- ଚାଷୀଭାଇମାନେ ଶଙ୍କର ଜାତୀୟ ଧାନ ଯେପରିକି ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍ ୨ ଏବଂ PHB ୭୧ ବ୍ୟବହାର କରିପାରିବେ ।
- ଯେଉଁ ଚାଷୀମାନେ ବାସନା ଧାନ ଚାଷ କରିବାକୁ ଚାହୁଁଛନ୍ତି ସେମାନେ ଗୀତାଞ୍ଜଳୀ, ସି.ଆର. ସୁଗନ୍ଧଧାନ ୯୦୭, ସି.ଆର. ସୁଗନ୍ଧଧାନ ୯୦୮ ଏବଂ ସି.ଆର. ସୁଗନ୍ଧଧାନ ୯୧୦ କିସମ ବ୍ୟବହାର କରିପାରିବେ ।
- ବର୍ଷାଶ୍ରୀତ ଅଳ୍ପ ଖାଲୁଆ ଜମିରେ ପ୍ରାକ୍ ମୌସୁମୀ ବର୍ଷା ହେବା ପରେ ପରେ ଏକର ପିଛା ୧୨ କି.ଗ୍ରା. ଧଣିଚା ସବୁଜସାର ହିସାବରେ ବୁଣି ଦିଅନ୍ତୁ ।

*****